# ତହସିଲ କାର୍ଯ୍ୟାଳୟ, ତିଗିରିଆ

**ପତ୍ର ସଂଖ୍ୟା- 553 ତା- 7.2.2019**

**ଲଘୁ ଖଣିଜ ଉତ୍ସର ଦୀର୍ଘ ମିଆଦି ଲିଜ୍ ନିମନ୍ତେ ବିଜ୍ଞାପନ**

**ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ନିୟମାବଳୀ- 2016 ଅନୁଯାୟୀ**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇଦିଆଯାଉଅଛି ଯେ, ଓଡିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଅଧିନସ୍ଥ ତିଗିରିଆ ତହସିଲ ଅନ୍ତର୍ଗତ ନିମ୍ନଲିଖିତ ସଇରାତଉତ୍ସ ଗୁଡିକ ୨୦୧୮-୧୯ ଆର୍ଥିକ ବର୍ଷ ଠାରୁ ଆସନ୍ତା ୫ ବର୍ଷ ନିମନ୍ତେ ଦୀର୍ଘ ମିଆଦି ଲିଜ୍ ସକାଶେ ଦରଖାସ୍ତ ଆହ୍ୱାନ କରାଯାଉଅଛି। ଇଚ୍ଛୁକ ବ୍ୟକ୍ତି ବିଶେଷ OMMC Rule-2016 ରେ ପ୍ରଦତ FORM- M ପୂରଣ କରି ତିନୋଟି କପି ସହ ନିମ୍ନଲିଖିତ ଅବଶ୍ୟକୀୟ ଦସ୍ତାବିଜ ସଂଲଗ୍ନ କରି ଜଉମୁଦ ଲଫାପାରେ ତହସିଲଦାର, ତିଗିରିଆ କାର୍ଯ୍ୟାଳୟରେ ଥିବା Drop Box ରେ ଆସନ୍ତା ତା ୦୮/୦୨/୨୦୧୯ରିଖ ଠାରୁ ଧାର୍ଯ୍ୟ ନିଲାମ ତାରିଖର ପୂର୍ବ କାର୍ଯ୍ୟ ଦିବସର ଅପରାହ୍ନ ୫ ଘଟିକା ପର୍ଯ୍ୟନ୍ତ ପକାଇ ପାରିବେ ( ଛୁଟିଦିନ ବ୍ୟତିତ) । ଲଫାପା ଉପରେ ସଇରାତ ଉତ୍ସର ନାମ ଓ ସଇରାତ କେସ ନମ୍ବର ଲେଖାଥିବା ଆବଶ୍ୟକ। ନିଲାମ ଧାର୍ଯ୍ୟ ତାରିଖରେ ପୂର୍ବ ଦିନ ଅପରାହ୍ନ ୫ ଘଟିକା ପରେ ପ୍ରାପ୍ତ ହୋଇଥିବା ଦରଖାସ୍ତଗୁଡିକ ବିଚାରକୁ ନିଆଯିବ ନାହିଁ । କୌଣସି କାରଣ ନ ଦର୍ଶାଇ ନିଲମକୁ ସ୍ଥଗିତ / ରଦ୍ଦ କରିବାର କ୍ଷମତା, କ୍ଷମତାପ୍ରାପ୍ତ ଅଧିକାରୀ ଓ ଜିଲ୍ଲାପାଳ, କଟକଙ୍କର ରହିଅଛି। ତା ୨୦/୦୨/୨୦୧୯ରିଖ ଦିବା ଘ ୧୧ ଘ.ଟିକା ସମୟରେ ଲିଜ ଦରଖାସ୍ତକାରୀ କିମ୍ବା ତାଙ୍କ କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ଉପସ୍ଥିତିରେ ଦରଖାସ୍ତ ମାନ ତନଖି କରାଯାଇ ଯୋଗ୍ୟ ଲିଜଧାରୀ ଚୟନ କରାଯିବ। ଉପରୋକ୍ତ ଦିନ ବୈଧ ଦରଖାସ୍ତ ଅଭାବରୁ ଯୋଗ୍ୟ ଲିଜଧାରୀ ଚୟନ ନ ହୋଇପାରିଲେ ପୁନଃ ନିଲାମ ଯଥାକ୍ରମେ ତା୨୮/୦୨/୨୦୧୯ ରିଖ (ଦିବା ୧୧ ଘ. ) ଏବଂ ତା ୧୨/୦୩/୨୦୧୯ ରିଖ (ଦିବା ୧୧ ଘ.) ଅନୁଷ୍ଠିତ ହେବ । ପ୍ରତି ନିଲାମ ତାରିଖର ପୂର୍ବ କାର୍ଯ୍ୟ ଦିବସ ଅପରାହ୍ନ 5 ଘଟିକା ପର୍ଯ୍ୟନ୍ତ ଦରଖାସ୍ତ ଗ୍ରହଣୀୟ ।

ଦରଖାସ୍ତ ସହ ଦାଖଲ ଦାଖଲ କରିବାକୁଥିବା ଦସ୍ତାବିଜ –

୧. ଦରଖାସ୍ତ ପାଉଣା ବାବଦ ୧୦୦୦.୦୦ (ଅଣଫେରସ୍ତ) ର ଟ୍ରେଜେରୀଚାଲାଣ (Head of Account- 0853, Non- Ferrous Mining and Metallurgical Industries 102- Mineral Concession Fees, Rents and Royalties) ପଇଠ କରିବେ ।

୨. Mines and Mineral (Development & Regulation Act 1957 & OMMC Rule)

ଅଧିନସ୍ଥ ଖଣିଜ ପ୍ରାପ୍ୟ ବଜେୟା ନଥିବା ସମ୍ବନ୍ଧୀୟ ସତ୍ୟପାଠ ।

୩. ରାଜସ୍ୱ ଅଧିକାରୀଙ୍କଠାରୁ ପ୍ରାପ୍ତ ସ୍ଥାବର ସମ୍ପତି ତାଲିକାର ପ୍ରମାଣପତ୍ର ସହ Solvency Certificate ବା Bank Guarantee ଯାହାକି ଆଗାମୀ ୧୮ ମାସ ପାଇଁ ବୈଧ ହୋଇଥିବା ବାଞ୍ଛନୀୟ। ଏହି Solvency Certificate ବା Bank Guarantee ବା ଦରଖାସ୍ତକାରୀ ନିଲାମ ଡାକିଥିବା ଦେୟ ଏବଂ ଏକ ବର୍ଷ ପାଇଁ ରାୟଲିଟି ଦେୟ ଠାରୁ କମ ହେଲେ ଗ୍ରହଣୀୟ ନୁହେଁ ।

୪. ଅର୍ଥରାଶି ଅମାନତ ନୋଟିସ ରେ ଦର୍ଶଯାଇଥିବା ଅତିରିକ୍ତ ମୂଲ୍ୟ ଏବଂ ଏକବର୍ଷର ରୟାଲିଟି ମୂଲ୍ୟର ଶତକଡା ୫ ପ୍ରତିଶତ ଅର୍ଥ ରାଶି ବାବଦକୁ ତହସିଲଦାର ତିଗିରିଆଙ୍କ ନିକଟରେ ଦାଖଲ କରି ପ୍ରାପ୍ତ ରସିଦ ଏକ ଅବିକଳ ନକଲ ଦରଖାସ୍ତ ସଲଗ୍ନ କରିବେ ।

୫. ଆବେଦନ କରିଥିବା ଲିଜ ର ସମ୍ପୂର୍ଣ ବିବରଣୀ ଓ ନକ୍ସା ।

୬. ଯଦି ଉକ୍ତ ଇସ୍ତାହାରରେ ତ୍ରୁଟି ପରିଲିକ୍ଷିତ ହୁଏ ତେବେ ତାହା ସଂଶୋଧନ କରିବାର କ୍ଷମତା , କ୍ଷମତା ପ୍ରାପ୍ତ ଅଧିକାରୀଙ୍କର ରହିଛି । ସଇରାତ ଉସ ଓ ନିଲାମ ସମ୍ବନ୍ଧୀୟ ସମସ୍ତ ସର୍ତ୍ତାବଳୀ ତହସିଲ କାର୍ଯ୍ୟାଳୟ (ଛୁଟିଦିନ ବ୍ୟତୀତ ) ସମସ୍ତ କାର୍ଯ୍ୟ ଦିବସରେ ମିଳିପାରିବ ଓ ଏହି ସମ୍ବନ୍ଧୀୟ ସମ୍ପୂର୍ଣ ବିବରଣୀ (www.cuttack.nic.in) ରେ ଉପଲବ୍ଧ ।

ବିଶେଷ ସର୍ତ୍ତାବଳି-

୧. ଆବେଦନକାରୀ ଓଡିଶା ଲଘୁ ଖଣିଜ ଦ୍ରବ୍ୟ ନିୟମାବଳୀ ୨୦୧୬, ଓ Manual of Tahasil Account ର ପରିସରଭୁକ୍ତ ରହିବେ ।

୨. ଅତିରିକ୍ତ ଦେୟର ସର୍ବୋଚ୍ଚ ନିଲାମଧାରୀଙ୍କ ଦରଖାସ୍ତକୁ ଲିଜ ପ୍ରଦାନ ନିମନ୍ତେ ଚୟନ କରାଯିବ ।

୩. ଯଦି ୧ ରୁ ଅଧିକ ଦରଖାସ୍ତକାରୀ ସମାନ ସର୍ବୋଚ୍ଚ ମୂଲ୍ୟ ପ୍ରଦାନ କରିଥିବେ ତେବେ ଲଟେରୀ ମଧ୍ୟରେ ଲିଜଧାରୀ ଚୟନ କରାଯିବ ।

୪. ଚୟନ ହୋଇଥିବା ଲିଜଧାରୀ ୧୫ ଦିନ ମଧ୍ୟରେ ସେହି ଆର୍ଥିକ ବର୍ଷ ପାଇଁ ଡ଼ାକିଥିବା ଅତିରିକ୍ତ ଦେୟ , ଧାର୍ଯ୍ୟ ଗଚ୍ଛିତ ଖଣିଜ ଦ୍ରବ୍ୟର ରୟାଲିଟି ( ଘନ. ମି. ପ୍ରତି ଟ ୧୩୦.୦୦ଙ୍କ। ହାରରେ )ଏବଂ District Mineral Foundation ବାବଦ ଦେୟ ପଇଠ କରିବେ ।

୫. ଯଦି ସର୍ବୋଚ୍ଚ ରୟାଲିଟି ମୂଲ୍ୟାଙ୍କ କରିଥିବା ଆବେଦନକାରୀ ନିର୍ଧାରିତ ସମୟସୀମା ମଧ୍ୟରେ ଅମାନତ ରାଶି/ District Mineral Fund Environment Management fund, Dead rent, Surface Rent etc ଦାଖଲ କରିବାରେ ଖିଲାପ କରନ୍ତି ତାହେଲେ ଦ୍ଵିତୀୟ ସର୍ବାଧିକ ନୀଲାମଧାରୀଙ୍କୁ ସୁଯୋଗ ଦିଆଯିବ ।

୬. ଯଦି ଦରଖାସ୍ତକାରୀ ଧାର୍ଯ୍ୟ ଅତିରିକ୍ତ ମୂଲ୍ୟଠାରୁ କମ ମୂଲ୍ୟ ଉଲ୍ଲେଖ କରିଥାନ୍ତି ତେବେ ଦରଖାସ୍ତକୁ ବିଚାରକୁ ନିଆଯିବ ନାହିଁ ।

୭. ନୀଲାମଧାରୀମାନେ OMMC Rule- ୨୦୧୬ ର ସମସ୍ତ ସର୍ତ୍ତାବଳି ମଣିବା ନିମନ୍ତେ ବାଧ ।

୮. ସର୍ବୋଚ୍ଚ ନୀଲାମଧାରିଙ୍କ ଦ୍ୱାରା ମୂଲ୍ୟାଙ୍କ ହୋଇଥିବା ରୟାଲିଟିରେ ଯଦି ଚୁକ୍ତିପତ୍ର ସମ୍ପାଦନ ଅବଧି ଭିତରେ କୌଣସି ବୃଦ୍ଧି ଘଟିଥାଏ ତେବେ ଏହା ତାଙ୍କ ପାଇଁ ଲାଗୁ ହେବ ।

୯. ଲିଜଧାରୀ ଜମା ଦେୟାର ୨% ଆୟକର (T.D.S) ବାବଦକୁ ଚାଳଣ ଆକାରରେ ଜମା କରିବେ ଏବଂ ସମସ୍ତ ରୟାଲିଟି ଓ ଅତିରିକ୍ତ ଦେୟ ମୂଲ୍ୟର ଶତକଡା ୫ ଭାଗ ଅର୍ଥ, ପରିବେଶ ପରିଚାଳନା ପାଣ୍ଠିକୁ ଦେୟ ରୂପେ ପଇଠ କରିବେ ।

୧୦.ଲିଜଧାରୀ ଲିଜ ଅବଧି ମଧ୍ୟରେ ପରବର୍ତ୍ତୀ ବର୍ଷ ଗୁଡିକ ପାଇଁ ବାର୍ଷିକ ଦେୟ (ଯଥା - ରୟାଲିଟି , ଅତିରିକ୍ତ ଦେୟ ଓ ଅନ୍ୟାନ୍ୟ ଲିଜ ଦେୟ ) ବର୍ଷ ଆରମ୍ଭରୁ ପଇଠ କରିବେ ।

୧୧. ଲିଜ ଚୁକ୍ତିନାମା ସମ୍ପାଦନା ପରେ ଓ ଲିଜର ଧାର୍ଯ୍ୟ ଅବଧି ଶେଷ ମଧ୍ୟରେ ଯଦି ଓଡିଶା ସରକାରଙ୍କ ଦ୍ୱାରା ସ୍ଥିରିକୃତ ଅନୁସୂଚି -୨(Schedule-II) ରେ ଉଲ୍ଲିଖିତ ଲଘୁ ଖଣିଜ ଦ୍ରବ୍ୟର ଦର ବୃଦ୍ଧି ଘଟେ, ତାହା ହେଲେ ଲିଜଧାରୀ ଦରବୃଦ୍ଧି ଅନୁଯାଇ ଅବଶିଷ୍ଟ ରୟାଲିଟି ଦରବୃଦ୍ଧି ତାରିଖଠାରୁ ପଇଠ କରିବେ ।

୧୨. ଦରଖାସ୍ତକାରୀ Mines Act- 1957ଏବଂ Explosive Act ୧୯୮୪ ର ସମସ୍ତ ନିୟମ ଏବଂ ସର୍ତ୍ତାବଳୀର ଅନ୍ତର୍ଭୁକ୍ତ ରହିବେ ।

୧୩. ଲିଜରେ ଅଂଶ ଗ୍ରହଣ କରୁଥିବା ବ୍ୟକ୍ତି ଉଛଗୁଡିକୁ ପରିଦର୍ଶନ କରି ପରିଚାଳନା ପାଇଁ ଗମନାଗମନ ସୁବିଧା , ଗଚ୍ଛିତ ଥିବା ଲଘୁ ଖଣିଜ ଦ୍ରବ୍ୟ ଓ ଅନାନ୍ୟ ଆନୁଷଙ୍ଗିକ ସୁବିଧା ସମ୍ପର୍କରେ ପର୍ଯ୍ୟବେକ୍ଷଣ କରି ଦରଖାସ୍ତ କରିବା ଆବଶ୍ୟକ । ଲିଜ୍ ନେବା ପରେ ଉତ୍ସର ପରିଚାଳନା ସମ୍ପର୍କରେ ପ୍ରାକୃତିକ ବିପର୍ଯ୍ୟ ଦ୍ୱାରା କ୍ଷୟକ୍ଷତି ନିମନ୍ତେ କର୍ତୃପକ୍ଷ ଦାୟୀ ରହିବେ ନାହିଁ ।

୧୪. ଯଦି ଏହି ସଇରାତ ଉତ୍ସର Mining Planର ଓ ଅନୁମୋଦନ ଓ ପରିବେଶ ମଞ୍ଜୁରୀ ପୂର୍ବରୁ କ୍ଷମତାପର୍ଣ ଅଧିକାରୀଙ୍କ ଦ୍ୱାରା ସମ୍ପୂର୍ଣ କରାଯାଇଥାଏ ତେବେ ଉକ୍ତ ଖର୍ଚ୍ଚ ରାଶି ଲିଜଧାରୀ ବହନ କରିବେ । ଯଦି ଏହି କାର୍ଯ୍ୟ କରାଯାଇ ନଥାଏ ତେବେ ଲିଜଧାରୀ Mining Plan ଅନୁମୋଦନ କରାଇ, ପରିବେଶ ମଞ୍ଜୁରୀ ପ୍ରାପ୍ତ ପରେ ଲିଜ ରାଜିନାମା ପରେ ଉତ୍ସ ପରିଚାଳନା କରିବାକୁ ଯୋଗ୍ୟ ହେବେ । ଏହା ଭାରତ ସରକାରଙ୍କ ପରିବେଶ ଓ ଜଙ୍ଗଲ ମନ୍ତ୍ରଣାଳୟ , ବିଜ୍ଞପ୍ତି ସଂଖ୍ୟା – ଏସ.ଓ ୧୫୩୩ ତା ୧୪.୦୯.୨୦୦୬ ଅନୁଯାୟୀ ଉତ୍ସ ପରିଚାଳନା ପାଇଁ ବାଧ୍ୟତାମୂଳକ ଅଟେ ।

୧୫. ଲିଜ ପ୍ରଦାନ ପରେ ସଇରାତ ଉତ୍ସ କ୍ଷେତ୍ର ପରିବର୍ତ୍ତନ କରାଯାଇପାରିବ ନାହିଁ ।

୧୬. ସର୍ବୋଚ୍ଚ ଦରର ରୟାଲିଟି ଦାଖଲ ପାଇଁ ଆବେଦନ କରିଥିବା ଲିଜଧାରୀ ଯଦି ସମସ୍ତ ଦେୟ ଟଙ୍କା ଜମା କରିବା ପରେ ବା ଲିଜ ସମ୍ପାଦନ କରିବା ପରେ ମୃତୁବରଣକରନ୍ତି ତେବେ ଉକ୍ତ ଜମା କିମ୍ବା ଚୁକ୍ତିନାମା ତାଙ୍କର ଉତ୍ତରାଧିକାରୀ କିମ୍ବା ତାଙ୍କର କ୍ଷମତା ପ୍ରାପ୍ତ ପ୍ରତିନିଧିଙ୍କ ଦ୍ୱାରା ସମ୍ପାଦିତ ହୋଇଛି ବୋଲି ଧରିନିଆଯିବ ।

୧୭. ଲିଜଧାରୀ ନିଜ ଦାଇତ୍ୱରେ ପରିବେଶ ପରିଚାଳନା ଯୋଜନା କାର୍ଯ୍ୟକାରୀ କରିବେ ।

୧୮. ସଂବାଦପତ୍ରରେ ବିଜ୍ଞପ୍ତି ପ୍ରକାଶନରେ ସମସ୍ତ ଖର୍ଚ୍ଚ ନୀଲାମଧାରୀ ବହନ କରିବେ। ସଇରାତ ଉତ୍ସ ଓ ନିଲାମ ସମ୍ବନ୍ଧୀୟ ସମସ୍ତ ସର୍ତ୍ତାବଳୀ ତହସିଲ କାର୍ଯ୍ୟାଳୟରେ ଛୁଟିଦିନ ବ୍ୟତୀତ ସମସ୍ତ କାର୍ଯ୍ୟ ଦିବସରେ

ମିଳିପାରିବ। ଯଦି ଉକ୍ତ ଇସ୍ତାହାରରେ କୌଣସି ତ୍ରୁଟି ପରିଲକ୍ଷିତ ହୁଏ ତେବେ ତାହା ସଂଶୋଧନ କରିବାର କ୍ଷମତା ନିମ୍ନ ଅଧିକାରୀଙ୍କର ଅଛି ।

୧୯. ଏତତ ବ୍ୟତୀତ ଅନ୍ୟ ଯେକୌଣସି ନିର୍ଦ୍ଦେଶନାମା ଉଚ୍ଚ କର୍ତ୍ତୃପକ୍ଷ ଙ୍କ ଠାରୁ ହସ୍ତଗତ ହୁଏ ତେବେ ଲିଜଧାରୀ ତାହା ମାନିବାକୁ ବାଧ୍ୟ ହେବେ ।

<u>ନିଲାମର ସ୍ଥାନ ଓ ଧାର୍ଯ୍ୟ ତାରିଖ</u> – ଟିଗିରିଆ ତହସିଲ କାର୍ଯ୍ୟାଳୟ ତା ୨୦/୦୨/୨୦୧୯ ରିଖ ଦିବା ୧୧ ଘଟିକା ଉପରୋକ୍ତ ଦିନ ବୈଧ ଦରଖାସ୍ତ ଅଭାବରୁ ଯୋଗ୍ୟ ଲିଜଧାରୀ ଚୟନ ନ ହୋଇପାରିଲେ ପୁନଃ ନିଲାମ ଯଥାକ୍ରମେ ତା ୨୮/୦୨/୨୦୧୯ ରିଖ ଦିବା ୧୧ ଘ ଏବଂ ତା ୧୨/୦୩/୨୦୧୯ ରିଖ ଦିବା ୧୧ ଘଟିକାରେ ଅନୁଷ୍ଠିତ ହେବ ।

| କ୍ରମିକ ନଂ | କେଶ ନଂ | ଲଘୁଖଣି ଜାତ ଉସର ନାମ | ମୌଜା | ଖାତା | ଖସଡା | ରକବା | ସର୍ବନିମ୍ନ ବାର୍ଷିକ ଗଚ୍ଛିତ ପଦାର୍ଥର ପରିମାଣ (ଘନ ମିଟର) | ସର୍ବନିମ୍ନ ଅତିରିକ୍ତ ମୂଲ୍ୟ |
|---|---|---|---|---|---|---|---|---|
| ୧ | ସଇରାତ ଲିଜ୍ କେଶ ନଂ ୫/୨୦୧୬-୧୭ | ବାଉରାଣୀ ବଳାବନ୍ଧ କାଳପଥର ଖଣି | ଭେଜିଆ | ୯୦୫ | ୩୧୩୮ | ୪୫.୩୬ | ୨୧୨୫ ଘନମିଟର | ଘନମିଟର ପ୍ରତି ୬୬ଟଙ୍କା |

ତହସିଲଦାର, ଟିଗିରିଆ
03.02.2019